## କ୍ୱାରାଣ୍ଟାଇନ୍ ସେଣ୍ଟରରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଶଙ୍କରାଖୋଲ,(ଡି.ଏନ୍.ଏ.)– କନ୍ଧମାଳ ଜିଲା ଚକାପାଦ ବ୍ଲକ ଶଙ୍କରାଖୋଲ କଲେଜ ସଙ୍ଗରୋଧ କେନ୍ଦ୍ରରେ୧୯ ଦିନ ହେଲା ଥିବା ଜଣେ ପ୍ରବାସୀ ଓଡ଼ିଆ ଯୁବକ ମଙ୍ଗଳବାର ଗଛରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସେଠାରେ ଥିବା ଅନ୍ୟ ପ୍ରବାସୀ ତାଙ୍କୁ ଉଦ୍ଧାର କରି ସରପଞ୍ଚଙ୍କୁ ଜଣାଇଥିଲେ । ସରପଞ୍ଚ ଚିତ୍ର କହଁର ଏ ସମ୍ପର୍କରେ ବିଡ଼ିଓ ଓ ଜିଲାପାଳଙ୍କୁ ଅବଗତ କରିଥିଲେ । ଜିଲାପାଳ ଡ. ବୃନ୍ଦା ଡିଙ୍କ ନିର୍ଦ୍ଦେଶ କ୍ରମେ ବିଡ଼ିଓ ଅନିଲ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ଯୁବକଙ୍କୁ ତାଙ୍କ ପରିବାର ଲୋକଙ୍କୁ ଡକାଇ ସନ୍ଧ୍ୟାରେ ହସ୍ତାନ୍ତର କରାଯାଇଛି ।

# ଦକ୍ଷିଣାଞ୍ଚଳରେ ଗଞ୍ଜାମ ଜିଲା ପାସ୍ ହାର ଅଧିକ

ବ୍ରହ୍ମପୁର ଅଫିସ, ୧୨।୮

■ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ
■ଗଞ୍ଜାମ ଜିଲାର ପାସ୍ ହାର ୭୧.୬୪ ପ୍ରତିଶତ

ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଦକ୍ଷିଣାଞ୍ଚଳ ଅଧୀନସ୍ଥ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବୌଦ୍ଧ ଓ କନ୍ଧମାଳ ଆଦି ଆଠ ଜିଲାରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ହାର ୫୪.୪୯ ପ୍ରତିଶତ ରହିଛି। ତେବେ ଉଭୟ ରାଜ୍ୟ ଓ ଦକ୍ଷିଣାଞ୍ଚଳରେ ଗଞ୍ଜାମ ଜିଲାର ପାସ ହାର ଅଧିକ ରହିଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ.କୁଳମଣି ଓଝା ସୂଚାଇଛନ୍ତି। ଗଞ୍ଜାମ ଜିଲାରେ ବିଜ୍ଞାନ ପରୀକ୍ଷା ଦେଇଥିବା ମୋଟ ୧୦୩୨୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୩୯୪ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୭୫୯ ପ୍ରଥମ ଶ୍ରେଣୀ, ୨୬୫୨ ଦ୍ୱିତୀୟ ଶ୍ରେଣୀ, ୧୯୧୨ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୭୧ପରୀକ୍ଷାର୍ଥୀ କମ୍ପାର୍ଟମେଣ୍ଟାଲରେ ପାସ୍ କରିଛନ୍ତି। ଜିଲାରେ ଫଳାଫଳ ହାର ଚଳିତ ବର୍ଷ ୭୧.୬୪ ପ୍ରତିଶତ ରହିଥିବା ବେଳେ ୩୫ ପରୀକ୍ଷାର୍ଥୀ ମାଲ ପ୍ରାକ୍ଟିସ ହୋଇଥିବାରୁ ସେମାନଙ୍କ ଫଳ ପ୍ରକାଶ ପାଇ ନାହିଁ। ଅନ୍ୟ ପରୀକ୍ଷାର୍ଥୀ ଫେଲ୍ ହୋଇଥିବା ଉପସଚିବ ଓଝା ସୂଚନା ଦେଇଛନ୍ତି।

## ଆସିକା: ୫୦ରୁ୬୫% ମଧ୍ୟରେ ୩ କଲେଜର ପାସ୍ ହାର

ଆସିକା,୧୨।୮(ଡି.ଏନ୍.ଏ.)

ଆସିକା ଅଞ୍ଚଳର ବିଭିନ୍ନ କଲେଜରେ ଯୁକ୍ତ ୨ ବିଜ୍ଞାନ ପାସହାର ୫୦ରୁ ୬୫ ପ୍ରତିଶତ ମଧ୍ୟରେ ରହିଛି । ଅନ୍ୟପକ୍ଷରେ ଆସିକା ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ପାସହାର ୮୭ ପ୍ରତିଶତ ରହିଛି । ଉକ୍ତ ବିଦ୍ୟାମନ୍ଦିରର ୧୨୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୨ଜଣ, ଦ୍ୱିତୀୟ ଶ୍ରେଣୀରେ ୪୧ଜଣ ଓ ତୃତୀୟ ଶ୍ରେଣୀରେ ୧୬ଜଣ ପାସ କରିଛନ୍ତି । ଛାତ୍ର ଦୀନେଶ କୁମାର ମହାପାତ୍ର ୯୦% ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ଆସିକା ବିଜ୍ଞାନ କଲେଜରେ ୧୧୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୦ଜଣ କୃତକାର୍ଯ୍ୟ ହୋଇଛନ୍ତି । ସେଥିମଧ୍ୟରୁ ପ୍ରଥମ ଶ୍ରେଣୀର ୩ଜଣ, ଦ୍ୱିତୀୟ ଶ୍ରେଣୀରେ ୨୫ ଓ ତୃତୀୟ ଶ୍ରେଣୀରେ ୩୨ଜଣ ରହିଛନ୍ତି । ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ସମୁଦାୟ ୬୬ଜଣ ଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୨ଜଣ, ଦ୍ୱିତୀୟ ଶ୍ରେଣୀରେ ୧୯ଜଣ ଓ ତୃତୀୟ ଶ୍ରେଣୀରେ ୧୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । କେନ୍ଦୁପଦରସ୍ଥିତ ଏନବିସି କଲେଜରେ ସମୁଦାୟ ୬୨ଜଣଙ୍କ ମଧ୍ୟରୁ ୩୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ମହାବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ଜଣେ, ଦ୍ୱିତୀୟ ଶ୍ରେଣୀରେ ୭ଜଣ ଓ ତୃତୀୟ ଶ୍ରେଣୀରେ ୨୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା

ବ୍ରହ୍ମପୁର ଅଫିସ,୧୨।୮

■୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି ୧୫ ଛାତ୍ରୀଛାତ୍ର
■ରାଜ୍ୟସ୍ତରରେ ଶ୍ରେଷ୍ଠ ୩୦ ମଧ୍ୟରେ ସ୍ଥାନ ପାଇଛନ୍ତି ୪

ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ୧୫ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୧୪୪ ଛାତ୍ରୀଛାତ୍ର ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ବିଦ୍ୟାମନ୍ଦିରର ୫୦୪ ଛାତ୍ରୀଛାତ୍ର ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୪୫୦ ଜଣ ପ୍ରଥମ, ୪୬ ଦ୍ୱିତୀୟ ଓ ୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସାର୍ଥକ ରଞ୍ଜନ ରାଉତ ସର୍ବାଧିକ ୫୬୬ ନମ୍ବର ତଥା ୯୪.୩୩ ପ୍ରତିଶତ ରଖି ପ୍ରଥମ ହୋଇଥିବା ବେଳେ ଈପ୍ସିତା ମହାପାତ୍ର ୫୬୩ ତଥା ୯୩.୮୩ ପ୍ରତିଶତ ମାର୍କ ରଖି ଦ୍ୱିତୀୟ, ସଜେଶ କୁମାର ଜେନା ଓ ସାହିଲ କୁମାର ଗୌଡ଼ ୫୫୨ ତଥା ୯୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଏହାବ୍ୟତୀତ ୪ ଛାତ୍ରୀଛାତ୍ର ରାଜ୍ୟରେ ଶ୍ରେଷ୍ଠ ୩୦ ଜଣଙ୍କ ମଧ୍ୟରେ ରହିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ସାର୍ଥକ ରଞ୍ଜନ ରାଉତ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଈପ୍ସିତା ମହାପାତ୍ର ରାଜ୍ୟରେ ପଞ୍ଚମ ସ୍ଥାନ ଅଧିକାର କରିଥିବା କୁହାଯାଇଛି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତା ପାଇଁ ମହାବିଦ୍ୟାଳୟର ଅଧକ୍ଷ ଏସ୍. ମୋହନ ରାଓ, ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ହରେକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ଜେନା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ଗଜପତିରେ ୭୦ ପଜିଟିଭ୍ ଚିହ୍ନଟ

ପାରଳାଖେମୁଣ୍ଡି,୧୨।୮(ସ୍ୱ.ପ୍ର.) - ଗଜପତି ଜିଲାରେ ପୁଣି ୭୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବୁଧବାର ସୂଚନାମ ମିଳିଛି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୧୦୯ରେ ପହଞ୍ଚିଛି । ନୂଆ ସଂକ୍ରମିତଙ୍କ ମଧ୍ୟରେ ୮ କୋଭିଡ୍ ଯୋଦ୍ଧା, ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚ ବେଳେ ୫୦ ଜଣ ଓ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୧୨ଜଣ ସଂକ୍ରମିତ ହୋଇଥିବା ଜଣାପଡିଛି । ପାରଳାଖେମୁଣ୍ଡି ସହରାଞ୍ଚଳରୁ ୩୫, ଗୋଷାଣୀରୁ ୫, ମୋହନାରୁ ଜଣେ, ଆର୍. ଉଦୟଗିରିରୁ ୧୦, ଗୁମ୍ମାରୁ ୯, ନୂଆଗଡରୁ ୫, କାଶୀନଗରରୁ ୫ ଜଣ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି ।

### ଛତ୍ରପୁରରେ ଟେଷ୍ଟ ବୃଦ୍ଧିକୁ ଗୁରୁତ୍ୱ

ଛତ୍ରପୁର,୧୨।୮(ଡି.ଏନ୍.ଏ.)- ଛତ୍ରପୁର ଏନ୍ଏସିରେ ପ୍ରତି ଘରକୁ ଯାଇ ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଅଭିଯାନ ବୁଧବାର ୫ମ ଦିନରେ ପହଞ୍ଚିଛି। କରୋନା ଟେଷ୍ଟ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଏନ୍ଏସିରେ ପୁଣି ନୀଳକଣ୍ଠେଶ୍ୱର, ନାଗୁଲପେଟା, ମଝିବଜାର, ମେନ ରୋଡ଼, ପାର୍କ ଷ୍ଟ୍ରିଟ ଓ ବିଦ୍ୟାଧର ନଗରରୁ ଜଣେ ଏପରି ମୋଟ ୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ବୁଧବାର ୧୦ ଜଣ ସୁସ୍ଥ ହୋଇଛନ୍ତି। କେହି ଲକ୍ଷଣ ନ ଲୁଚାଇବାକୁ ଏନଏସି ପକ୍ଷରୁ କୁହାଯାଇଛି। ଏନଏସିରେ ଗୁରୁବାରରୁ ୧୮ ତାରିଖ ପର୍ଯ୍ୟନ୍ତ ୱାର୍ଡ ୱାରି କରୋନା ଟେଷ୍ଟ ହେବ। ଯେ କେହି ବି ଚାହିଁଲେ ନିଜ ଟେଷ୍ଟ କରାଇପାରିବେ ବୋଲି କୁହାଯାଇଛି।

### ଗଞ୍ଜାମ ଏଡିଏମ୍ ଅସୁସ୍ଥ

ଛତ୍ରପୁର,୧୨।୮(ଡି.ଏନ୍.ଏ.)-ଗଞ୍ଜାମର ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ବୁଧବାର ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ ଛତ୍ରପୁର ହସ୍ପିଟାଲକୁ ଅଣାଯାଇଥିଲା। ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ଏଡିଏମ୍ ସାହୁଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି ।

### କନ୍ଧମାଳରେ ୩୦ ପଜିଟିଭ୍ ଚିହ୍ନଟ

ଫୁଲବାଣୀ ଅଫିସ, ୧୨।୮-କନ୍ଧମାଳ ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି । ବୁଧବାର ପୁଣି ୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୪ ମହିଳା ଓ ୧୬ ପୁରୁଷ ଅଛନ୍ତି। ଫୁଲବାଣୀରୁ ୪ ଜଣ ଚିହ୍ନଟ ହୋଇଥିବା ବେଳେ ଜି. ଉଦୟଗିରିରୁ ୫, ଦାରିଙ୍ଗବାଡିରୁ ୩, ତୁମୁଡିବନ୍ଧରୁ ୯, ବାଲିଗୁଡାରୁ ୭, କୋଟଗଡ ଓ ଫିରିଙ୍ଗିଆରୁ ଜଣେ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏହି ୩୦ ଜଣଙ୍କୁ ମିଶାଇଲେ ଜିଲାରେ ବର୍ତ୍ତମାନ ସୁଦ୍ଧା ୯୬୨ଜଣ ଆକ୍ରାନ୍ତ ଚିହ୍ନଟ ହେଲେଣି।

### ଗଛରେ ବାଇକ୍ ପିଟି ହୋଇ ଜଣେ ମୃତ

ଫୁଲବାଣୀଅଫିସ/ଖଜୁରୀପଡ଼ା (ଡି.ଏନ୍.ଏ.)୧୨।୮-ଖଜୁରିପଡ଼ା ଥାନା ଅନ୍ତର୍ଗତ ସମ୍ବରଡେଗାଠାରେ ବୁଧବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଫୁଲବାଣୀର ରାଜୁ ନାୟକ (୨୩)। ରାଜୁ ଫଟୋ ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର କୌଣସି କାମରେ ସେ ଖଜୁରୀପଡା ଥାନା ପେନାବାଲି ଗ୍ରାମକୁ ଯାଇଥିଲେ। ଫେରିବା ବେଳେ ସମରଡେଗାଠାରେ ବାଇକ୍ ଭାରସାମ୍ୟ ହରାଇବାରୁ ଗଛରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସ୍ୱାଧୀନତା ଦିବସରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା


ବୈଠକରେ ଉପସ୍ଥିତ ଜିଲାପାଳ ଅନ୍ୟମାନେ।

ଛତ୍ରପୁର,୧୨।୮(ଡି.ଏନ୍.ଏ.)

■ଛତ୍ରପୁର ପାଇଁ ଚିନ୍ତା, ପ୍ରବେଶ ପଥରେ ଯାଞ୍ଚ କଡାକଡି
■ସଂକ୍ରମିତଙ୍କ ସହ କଥା ହେବାକୁ ପରାମର୍ଶ

ଗଞ୍ଜାମର କୋଭିଡ୍ ପରିଚାଳନା ସମ୍ପର୍କରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଭିଡିଓ କନଫରେନ୍ସ ଜରିଆରେ ଜିଲାର ସମସ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଆସନ୍ତା ସ୍ୱାଧୀନତା ଦିବସ ପାଳନ ସମ୍ପର୍କରେ ମଧ ଆଲୋଚନା କରିଛନ୍ତି। ସମସ୍ତ ବ୍ଲକରେ ସୀମିତ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଜାତୀୟ ପତାକା ଉତ୍ତୋଳନ କରାଯିବ। କୋଭିଡ୍ ପରିଚାଳନାଗତ କାର୍ଯ୍ୟ ଭଲ ଭାବେ ସମ୍ପାଦନା କରିଥିବା କୋଭିଡ୍ ଯୋଦ୍ଧାମାନଙ୍କୁ ଉକ୍ତ ଦିନ ସମ୍ମାନିତ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାରେ କରୋନା ଟେଷ୍ଟ ସଂଖ୍ୟା ବୃଦ୍ଧି କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଛତ୍ରପୁର ଏନ୍ଏସିରେ ପଜିଟିଭ୍ ସଂଖ୍ୟା ବୃଦ୍ଧି ହେଉଥିବାରୁ ଲୋକଙ୍କ ଅଯଥା ଚଳପ୍ରଚଳ ରୋକିବା ସକାଶେ ପ୍ରବେଶ ଓ ପ୍ରସ୍ଥାନ ପଥରେ ଯାଞ୍ଚ କଡାକଡି କରାଯିବ। ଚିହ୍ନଟ ହେଉଥିବା ପଜିଟିଭ୍ଙ୍କ କଣ୍ଟାକ୍ଟ ଟ୍ରେସିଂ କରି ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯିବ। ଘରେ ଏକାନ୍ତରେ ଥିବା ସଂକ୍ରମିତ ବ୍ୟକ୍ତି, କୋଭିଡ କେୟାର ସେଣ୍ଟରରେ ଥିବା ରୋଗୀମାନଙ୍କ ସହ ଜୁମ ଭିଡିଓ ମାଧ୍ୟମରେ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିବାକୁ କୁହାଯାଇଛି। ସେହିପରି ସରପଞ୍ଚ ମାନଙ୍କ ସହିତ ମଧ୍ୟ ଜୁମ ଭିଡିଓ ମାଧ୍ୟମରେ ଯୋଗାଯୋଗ କରିବାକୁ ହେବ। ପଞ୍ଚସୂତ୍ରୀ ପାଳନ କରୁ ନ ଥିବା ଏଭଳି ଦୋକାନୀମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ୨୪ ଘଣ୍ଟିଆ ହେଲ୍ପ ଲାଇନ, ମେଡିକାଲ କିଟ ପ୍ରଦାନ, ସହରାଞ୍ଚଳ କୋଭିଡ ପରିଚାଳନା, ଯାନବାହାନ ଅସୁବିଧା ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସ୍ୱତନ୍ତ୍ର ଅତିରିକ୍ତ ଜିଲାପାଳ ପାରୁଲ ପଟ୍ଟୱାରୀ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଦୁଇ ଆଇଏଏସ ପ୍ରୋବେସନ, ଅତିରିକ୍ତ ଜିଲାପାଳ ଅମୀୟ କୁମାର ସାହୁ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉମାଶଙ୍କର ମିଶ୍ର, ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ ଜିଲା ସଂଯୋଜକ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ନେତା ନୃସିଂହ ରଥଙ୍କ ପରଲୋକ

ଭଞ୍ଜନଗର,୧୨।୮(ଡି.ଏନ.ଏ)

ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ତଥା ପୂର୍ବତନ ବାଚସ୍ପତି ସ୍ୱର୍ଗତ ସୋମନାଥ ରଥଙ୍କ ସାନପୁଅ ନୃସିଂହ କୁମାର ରଥ(୬୨)ଙ୍କର ବୁଧବାର ସକାଳେ ଭଞ୍ଜନଗରସ୍ଥିତ ବାସଭବନରେ ପରଲୋକ ଘଟିଛି । ସେ କିଛିମାସ ହେବ ଅସୁସ୍ଥ ହୋଇ ତାଙ୍କ ବାସଭବନରେ ଚିକିତ୍ସିତ ହେଉଥିଲେ। ଜାମପଲ୍ଲୀ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଏହାପୂର୍ବରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ନୃସିଂହ ଭଞ୍ଜନଗର ବାର୍ ଆସୋସିଏଶନର ସଦସ୍ୟ ସହ ବିଭିନ୍ନ ସମୟରେ ଜିଲା କଂଗ୍ରେସ କମିଟିର ସମ୍ପାଦକ, ଭଞ୍ଜନଗର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ସମେତ କଂଗ୍ରେସର ବିଭିନ୍ନ ପଦପଦବୀରେ ଥିଲେ।

## ନାବାଳିକାଙ୍କୁ ଅପହରଣ, ମା' ବାପାଙ୍କୁ ହତ୍ୟା ଧମକ

ପୋଲସରା,୧୨।୮(ଡି.ଏନ୍.ଏ.)

ପୋଲସରା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗ୍ରାମର ୪ ଜଣ ଯୁବକ ଗତ ୫ ତାରିଖରେ ଅପହରଣ କରିନେଇଥିବା ପୋଲସରା ଥାନାରେ ମଙ୍ଗଳବାର ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। ମାମଲା (ନଂ.୨୧୪/୨୦) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

ଏତଲା ଅନୁଯାୟୀ, ନାବାଳିକାଙ୍କ ବାପା ଘରକୁ ଫେରି ଝିଅ ନ ଥିବା ଦେଖିବାକୁ ପାଇଥିଲେ। ଗ୍ରାମର ଜନୈକ ପରିବାରକୁ ଏ ସମ୍ପର୍କରେ ପଚାରିବାରୁ ସମ୍ପୃକ୍ତ ଦମ୍ପତି ଆସି ତାଙ୍କୁ ମାରପିଟ କରିବା ସହ ଏନେଇ ଥାନାରେ ଅଭିଯୋଗ କଲେ ସ୍ୱାମୀ ସ୍ତ୍ରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପରେ ୪ଜଣ ଯୁବକ ତାଙ୍କ ଝିଅଙ୍କୁ ଉଠାଇ ନେଇଥିବା ଖବର ପାଇ ସେ ଥାନାରେ ଏତଲା ଦେଇଥିଲେ।

## ଗଞ୍ଜେଇ ଜବତ, ୬ ଗିରଫ

ଆର.ଉଦୟଗିରି, ୧୨।୮ (ଡି.ଏନ.ଏ.)



ଗଜପତି ଜିଲା ଅଡ଼ବା ଓ ଆର.ଉଦୟଗିରି ପୋଲିସ ପୃଥକ ଭାବେ ଚଢ଼ାଉ କରି ୨ଟି ଗାଡ଼ି ସହ ୧୩୫ କି.ଗ୍ରା. ଗଞ୍ଜେଇ ଜବତ କରିଛି। ଅଡ଼ବା ପୋଲିସ ଝିଲିକି ନିକଟରେ ପାଟ୍ରୋଲିଂ କରୁଥିବା ବେଳେ କାର(ନଂ ଓଡ଼ି୨୦ବିଡ଼ି୧୩୯୭)କୁ ଅଟକାଇ ଯାଞ୍ଚ କରିବାରୁ ୫୩ କି.ଗ୍ରା ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ କାର୍ ଚାଳକ ପୁରୀ ଜିଲା କାକଟପୁର ଅଞ୍ଚଳର ଅଶୋକ ସେଠୀଙ୍କୁ ଗିରଫ କରାଯାଇଛି। ଏ ନେଇ ଅଡ଼ବା ଥାନାରେ ନଂ. ୬୫/୨୦ରେ ମାମଲା ରୁଜୁ ହୋଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ଆର.ଉଦୟଗିରି ପୋଲିସ ସମ୍ବଲପୁର–ଆଟିଳିମା ମଧ୍ୟରେ ଥିବା ରାଣୀଛକରେ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହ ହେବାରୁ କାର (ନଂ. ଏପି ୦୧ଇଡି୮୮୭)କୁ ଯାଞ୍ଚ କରିଥିଲା। ସେଥିରେ ୧୦୦ କି.ଗ୍ରା ଗଞ୍ଜେଇ ମଧ୍ୟପ୍ରଦେଶ ଚାଲାଣ ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ଏହି ଘଟଣାରେ ମଧ୍ୟପ୍ରଦେଶ ଚାଲାଣକାରୀ ମୋହନ ଲାଲ ଜାଟଭ, ପ୍ରଦୀପ ସିଂ, ଦୌଲତ ସିଂ, ଗଙ୍ଗାରାମ ଚାନ୍ଦ ଏବଂ ଗଜପତି ଜିଲା ପାଲକୁଆ ଗ୍ରାମର ଷଣ୍ଢ ଗମାଙ୍ଗ ଗିରଫ ହୋଇଛନ୍ତି। ଏ ନେଇ ଆର.ଉଦୟଗିରି ଥାନାରେ ନଂ.୫୪/୨୦ରେ ମାମଲା ରୁଜୁ କରାଯାଇ ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସଡିପିଓ ଅନିଲ କୁମାର ପ୍ରଧାନ କହିଛନ୍ତି।

# ପୋଲିସ, ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ

ଆର୍.ଉଦୟଗିରି,୧୨।୮(ଡି.ଏନ.ଏ.)

**ମଦ ଜବତ, ୫୦ କୋର୍ଟ ଚାଲାଣ**

ରାମଗିରି ପୋଲିସ ଓ ଅବକାରୀ ବିଭାଗ ଏବଂ ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାଡ୍ ମଙ୍ଗଳବାର ରାମଗିରି ନିକଟସ୍ଥ ସିନ୍ଧିବା ଗ୍ରାମରେ ଚଢାଉ କରିବାବେଳେ ଚୋରାମଦ ବେପାରିଙ୍କ ଆକ୍ରମଣର ଶିକାର ହୋଇଛି । ଏଥିରେ ଜଣେ ଚାଳକ, ଜଣେ ଏସ୍ଆଇ ଓ ଏବଂ ଜଣେ ମହିଳା କର୍ମଚାରୀ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଅବକାରୀ ଓ ପୋଲିସ ବିଭାଗ ଚଢାଉ କରି ୧୨୦୦ ଲିଟର ପୋଚ ନଷ୍ଟ କରିଥିବାବେଳେ ୧୨୦ ଲିଟର ମଦ ଜବତ କରିଛି। ଏନେଇ ରାମଗିରି ଥାନାରେ ୫୦ ଜଣଙ୍କ ନାମରେ ମାମଲା (ନଂ.୬୫/୨୦) ରୁଜୁ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଟିକିଟି,୧୨।୮(ଡି.ଏନ.ଏ.)

**ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ**

କେ.ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅନ୍ତର୍ଗତ ପତ୍ରବୁଡି ଗ୍ରାମ ନିକଟ ଏକ ତୋଟାରୁ ବୁଧବାର ସକାଳେ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି । ସେ ହେଲେ ପତ୍ରବୁଡି ଗ୍ରାମର ତାରିଣୀ ଗୌଡ (୪୫) । ମୃତଦେହକୁ ପୋଲିସ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ କେ.ନୂଆଗାଁ ଥାନାରେ ଅପମୃତ୍ୟୁ ମାମଲା (ନଂ.୬/୨୦) ରୁଜୁ ହୋଇଛି। ତାରିଣୀ ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି ବୋଲି ଫାଣ୍ଡି ଅଧିକାରୀ କେ. ସି. ବେହେରା କହିଛନ୍ତି। ଅନ୍ୟପକ୍ଷରେ ସ୍ୱାମୀଙ୍କୁ ହତ୍ୟା କରି ଝୁଲାଇ ଦିଆଯାଇଥିବା ତାରିଣୀଙ୍କ ସ୍ତ୍ରୀ ସ୍ନେହଲତା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଟିକିଟି ଏସ୍ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, କେ.ନୂଆଗାଁ ଥାନା ଅଧିକାରୀ ମାଧବାନନ୍ଦ ନାୟକ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଏସ୍ଡିପିଓ କହିଛନ୍ତି। ସୂଚନାଯୋଗ୍ୟ, ତାରିଣୀ ଏକାକୀ ନିଜ ଗ୍ରାମରେ ରହୁଥିଲେ। ସ୍ୱାସ୍ଥ୍ୟ ଖରାପ ଥିବା ଯୋଗୁ ସ୍ତ୍ରୀ ସ୍ନେହଲତା ୧୫ ମାସ ହେଲା ବାପଘର ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ କଲ୍ୟାଣପୁର ଗ୍ରାମରେ ରହୁଥିଲେ। ସ୍ୱାମୀଙ୍କ ମୃତଦେହ ଲୁହା ତାରରେ ଝୁଲୁଥିବା ନେଇ ସେହ୍ନଲତା ମଙ୍ଗଳବାର ଅପରାହ୍ନରେ ଗ୍ରାମବାସୀଙ୍କଠାରୁ ଫୋନରେ ଶୁଣି ଘଟଣାସ୍ଥଳରେ ପହଞ୍ଚି ଦେଖିବା ପରେ ଫାଣ୍ଡିରେ ଅଭିଯୋଗ କରିଥିଲେ।

## କୋଭିଡ୍ ହସ୍ପିଟାଲରେ ଶିକ୍ଷକଙ୍କ ମୃତ୍ୟୁ

ଭଞ୍ଜନଗର, ୧୨।୮ (ଡି.ଏନ୍.ଏ.)


କୁଶଧ୍ୱଜ ସେଠୀ (ଫାଇଲ୍ ଫଟୋ)।

ଭଞ୍ଜନଗର ବ୍ଲକ ରିପିଟିପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୁଶଧ୍ୱଜ ସେଠୀଙ୍କର ଶୀତଳପଲ୍ଲୀ କୋଭିଡ୍ ହସ୍ପିଟାଲରେ ବୁଧବାର ମୃତ୍ୟୁ ଘଟିଥିବା ସିଆର୍ସିସି ତ୍ରିନାଥ ବେହେରା ସୂଚନା ଦେଇଛନ୍ତି। ସ୍ୱର୍ଗତ ସେଠୀ ଦୁଇଥର କ୍ୱାରାଣ୍ଟାଇନ୍ ସେଣ୍ଟର ଦାୟିତ୍ୱରେ ଥିଲେ। ଗତ ୫ ତାରିଖରେ ହଠାତ୍ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କୋଭିଡ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ବୁଧବାର ସେ ମୃତ୍ୟୁବରଣ କରିଛନ୍ତି। ସେହିଭଳି ମଙ୍ଗଳବାର ଭଞ୍ଜନଗର ବ୍ଲକ ଓ ଏନ୍ଏସିରେ ୮ କୋଭିଡ୍ ଯୋଦ୍ଧାଙ୍କ ସମେତ ୨୯ ପଜିଟିଭ ଚିହ୍ନଟ ହୋଇଛନ୍ତି।

# କିମ୍ସ ମେଡିକାଲ ଟିମ୍ର ପ୍ରସ୍ତାବିତ କୋଭିଡ୍ ହସ୍ପିଟାଲ ପରିଦର୍ଶନ

ଭଞ୍ଜନଗର,୧୨।୮(ଡି.ଏନ୍.ଏ.)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ କୋଭିଡ୍ ହସ୍ପିଟାଲ ହେବ। ସେଥିରେ ୩୦ ସାଧାରଣ ବେଡ୍ ଏବଂ ୧୦ ଆଇସିୟୁ ବେଡ୍ ରହିବା ପ୍ରସ୍ତାବ ଅଛି। ହସ୍ପିଟାଲ କାମ ଆରମ୍ଭ ପୂର୍ବରୁ କିମ୍ସ ମେଡିକାଲ ଟିମ୍ ବୁଧବାର ଅପରାହ୍ନରେ କଲେଜ ପରିଦର୍ଶନ କରିଛନ୍ତି। ଏହି ସମୟରେ ଭଞ୍ଜନଗର ବିଡିଓ ଅନିଲ କୁମାର ସେଠୀ, ମେଡିକାଲ ମ୍ୟାନେଜର ବିଚିତ୍ର କୁମାର ପାଣିଗ୍ରାହୀ, ଏନ୍ଏସି ନିର୍ବାହୀ ଅଧିକାରୀ, ଯନ୍ତ୍ରୀ ସୁଶାନ୍ତ ସାହୁ ଏବଂ ବ୍ଲକ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ୧୦ ଆଇସିୟୁ ବେଡ୍ ଯୋଜନା ଥିବାବେଳେ ଏଥିରେ କିଛିଟା ପରିବର୍ତ୍ତନ କରାଯାଇପାରେ। ଆଇସିୟୁ ବଦଳରେ ସେମି ଆଇସିୟୁ ସୁବିଧା ରୋଗୀଙ୍କୁ ଦିଆଯିବା ଯୋଜନା କରାଯାଉଥିବା ଜଣାପଡିଛି। ଏନେଇ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।


କିମ୍ସ ମେଡିକାଲ ଟିମ୍ ପରିଦର୍ଶନ କରୁଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BANDHAN FINANCE
(Regd No -1125124)
Bandhan ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ
50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅନ୍ତକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ - ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ ୨ ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର।
9910560681

## ସଂକ୍ଷେପରେ

### କଳିଙ୍ଗାରୁ ହଟିଲା କଣ୍ଟେନ୍‌ମେଣ୍ଟ ଜୋନ୍

ଜି.ଉଦୟଗିରି,୧୨।୮(ଡି.ଏନ.ଏ.)- ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତର କଳିଙ୍ଗା ତାରାବାଡ଼ି ଓ ନଦୀସାହିରୁ ବୁଧବାରଠାରୁ କଣ୍ଟେନମେଣ୍ଟ ଜୋନ୍ ହଟିଛି। କରୋନା ସଂକ୍ରମଣ ରୋକିବା ଲାଗି ଗତ ୨୦ ତାରିଖରୁ ଏସବୁ ସ୍ଥାନକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ଉକ୍ତ ଅଞ୍ଚଳରେ ସ୍କ୍ରିନିଂ ଓ ଟେଷ୍ଟିଂକୁ ଜୋର୍‌ଦାର କରାଯାଇଥିଲା। ଆଉ ନୂଆ ଆକ୍ରାନ୍ତ ଚିହ୍ନଟ ନ ହେବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର କଣ୍ଟେନମେଣ୍ଟ ଜୋନ୍ ହଟାଇ ଦିଆଯାଇଥିବା ଜି.ଉଦୟଗିରି ବିଡିଓ ଶାନ୍ତନୁ କୁମାର ନାୟକ କହିଛନ୍ତି। ଅନ୍ୟପକ୍ଷରେ ଜି.ଉଦୟଗିରି ସହରରେ ଥିବା ବରାଳିନୀ ସାହି, କଚେରୀ ସାହି, ବସଷ୍ଟାଣ୍ଡ ସାହି, ଲକ୍ଷ୍ମୀ ବଜାର, ବ୍ୟାଙ୍କ କଲୋନୀ ଓ ଚମ୍ପାସାହିରେ ଏବେ ବି କଣ୍ଟେନମେଣ୍ଟ ବଳବତ୍ତର ରହିଥିବାରୁ ତାହା ହଟାଇବା ପାଇଁ ଦାବି ହେଉଛି। ସେପଟେ ଲୋକଙ୍କ ସ୍ୱାବ୍ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବା ଯୋଗୁ ଅସନ୍ତୋଷ ବୃଦ୍ଧି ପାଉଛି। ଏ ସମ୍ପର୍କରେ ବିଡିଓ ନାୟକ କହିଛନ୍ତି, ବର୍ତ୍ତମାନ ଆଣ୍ଟିଜେନ ଟେଷ୍ଟ କରାଯାଉଛି। ଲୋକେ ସ୍ୱତଃପ୍ରବୃତ୍ତ ଭାବେ ଆସି ପରୀକ୍ଷା କରାଇଲେ ତୁରନ୍ତ ରିପୋର୍ଟ ଜାଣିପାରିବେ।

### ଗୋଷ୍ଠୀ ସଂଘର୍ଷ ଘଟଣା: ୩ ଗିରଫ

ଆସିକା,୧୨।୮(ଡି.ଏନ୍.ଏ.)-ଆସିକା ଥାନା ଅନ୍ତର୍ଗତ ମାଗୁରାପଲ୍ଲୀ ଗ୍ରାମରେ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏହି ଘଟଣାରେ ପୋଲିସ ବୁଧବାର ୩ଜଣଙ୍କୁ ଗିରଫ କରିଛି । ସେମାନେ ମାଗୁରାପଲ୍ଲୀ ଗ୍ରାମର କୁମାର ବେହେରା, ଚିକୁ ବେହେରା ଓ ରାଜେନ୍ଦ୍ର ବେହେରା । ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ପ୍ରକାଶ ଯେ, ନବରତ୍ନପୁର ଓ ମାଗୁରାପଲ୍ଲୀ ଗ୍ରାମବାସୀଙ୍କ ମଧରେ ପୂର୍ବ ଶତ୍ରୁତାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିଲା । ମଙ୍ଗଳବାର ଅପରାହ୍ନରେ ନବରତ୍ନପୁରର କେତେଜଣ ବ୍ୟକ୍ତି ଘଟଣାର ସମାଧାନ ଲାଗି ମାଗୁରାପଲ୍ଲୀ ଯାଇଥିବା ବେଳେ ସେମାନଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଫଳରେ ୫ଜଣ ଆହତ ହୋଇଥିଲେ । ଏ ନେଇ ନବରତ୍ନପୁର ଗ୍ରାମର ଏକାଧିକ ବ୍ୟକ୍ତି ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୧୦/୨୦ରେ ମାମଲା ରୁଜୁ କରିଥିଲା।

### ୧୩ ଜୁଆଡ଼ି ଗିରଫ

ଆସିକା,୧୨।୮(ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଅନ୍ତର୍ଗତ ଇନ୍ଦନପୁର ଓ ନୂଆବୋରି ନିକଟରେ ଚାଲିଥିବା ୨ ଜୁଆଆଡ୍ଡା ଉପରେ ମଙ୍ଗଳବାର ରାତିରେ ପୋଲିସ ଚଢ଼ାଉ କରିଥିଲା । ଇନ୍ଦନପୁର କେନାଲ ହିଡରେ ଚାଲିଥିବା ଜୁଆଆଡ୍ଡାରୁ ପୋଲିସ ୭ଜଣଙ୍କୁ ଗିରଫ କରିବା ସହ ୧୯, ୮୦୦ ଟଙ୍କା ଓ ୪ ମୋବାଇଲ ଫୋନ୍ ଜବତ କରିଛି । ସେହିପରି ନୂଆବୋରି ରାସ୍ତା କଡରେ ଚାଲିଥିବା ଜୁଆଆଡ୍ଡାରୁ ୬ଜଣଙ୍କୁ ଗିରଫ କରାଯାଇଛି। ସେଠାରୁ ୧୩,୧୭୦ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି । ଏ ନେଇ ଗାଙ୍ଗପୁର ଥାନାରେ ପୃଥକ ୨ ମାମଲା (ନଂ.୨୨୮ ଓ ୨୨୯/୨୦) ରୁଜୁ ହୋଇଛି।

### ବାଲି ବୋଝେଇ ୪ ଟ୍ରାକ୍ଟର ଜବତ ଜରିମାନା ଆଦାୟ

ଶଙ୍କରାଖୋଲ,୧୨।୮(ଡି.ଏନ୍.ଏ.)- ଚକାପାଦ ତହସିଲ ଅଧିନରେ ଥିବା ଜିଗିନା ଗାଁ ପିଲାସାଲୁଙ୍କି ନଦୀ ଘାଟରୁ ବୁଧବାର ୪ ଟ୍ରାକ୍ଟର ଯାଗେ ବାଲି ଚୋରା ଚାଲାଣ ବେଳେ ଶଙ୍କରାଖୋଲ ଠାରେ ଚକାପାଦ ତହସିଲଦାର ପ୍ରଣତି ପ୍ରିୟଦର୍ଶିନୀ ରାଉତ ଚଢ଼ାଉ କରିଥିଲେ। ବାଲି ବୋଝେଇ ଟ୍ରାକ୍ଟର ଜବତ କରି କାଗଜପତ୍ର ନ ଥିବାରୁ ଶଙ୍କରାଖୋଲ ଆର୍‌ଆଇ କାର୍ଯାଳୟକୁ ଆଣିଥିଲେ। ସେଠାରେ ୨୨ହଜାର ଟଙ୍କା ଜରିମାନା ଆଦାୟ ପରେ ଟ୍ରାକ୍ଟର ୪ଟିକୁ ଛାଡି ଦିଆଯାଇଥିଲା।

### କଣ୍ଟେନ୍‌ମେଣ୍ଟ ଜୋନ୍ ଉଠାଇବାକୁ ଦାବିପତ୍ର

ବାଲିଗୁଡା,୧୨।୮(ଡି.ଏନ୍.ଏ.)- ବାଲିଗୁଡା ଉପଖଣ୍ଡ କ.ନୂଆଗାଁ ବ୍ଲକ ସାରଙ୍ଗଡ ପଞ୍ଚାୟତକୁ ଦୀର୍ଘ ୨୮ ଦିନ ହେଲା କଣ୍ଟେନମଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏଥିରେ ଅତିଷ୍ଠ ହୋଇ ପଞ୍ଚାୟତବାସୀ ତୁରନ୍ତ ଏହା ଉଠାଇବାକୁ ସରପଞ୍ଚଙ୍କୁ ଦାବିପତ୍ର ଦେଇଛନ୍ତି। ଲୋକେ ଅତ୍ୟାଶ୍ୟକ ସମଗ୍ରୀ ପନିପରିବା ଠିକ ଭାବେ ପାଇପାରୁ ନାହାନ୍ତି। ସରପଞ୍ଚ ତୁରନ୍ତ ପଦକ୍ଷେପ ନ ନେଲେ ସମସ୍ତେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

# ଦୁର୍ଦ୍ଦିନରେ ଟସର ବୁଣାକାର

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୧୨।୮


ଜଣେ ବୁଣାକାର ଶାଢ଼ି ତିଆରି କରୁଛନ୍ତି ।

ଟସରରେ ପ୍ରସ୍ତୁତ ଧୋତି, ଶାଢ଼ି, ଯୋଡ଼, ସ୍କାର୍ଫ, ଉତ୍ତରୀୟ, ଶାର୍ଟ କପଡ଼ା, ଚାଦର ଆଦି ତିଆରି କରି ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବୁଣାକାର ଏବେ ଦୁର୍ଦ୍ଦିନ ମଧରେ କାଳାତିପାତ କରୁଛନ୍ତି। ଗତ ୪ ମାସ ଧରି ମହାମାରୀ କରୋନାର ପ୍ରଭାବ ସେମାନଙ୍କ ବ୍ୟବସାୟ ଉପରେ ପଡ଼ିଛି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ମାକଡ଼ିଆ ଗ୍ରାମର ୪ଶହରୁ ଊର୍ଦ୍ଧ୍ୱ ଟସର ବୁଣାକାର ପରିବାର ଜୀବିକାକୁ କଷ୍ଟେମଷ୍ଟେ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି।

ଉକ୍ତ ଗ୍ରାମରେ ମାକଡ଼ିଆ ଟସର ତନ୍ତବାୟ ସହଯୋଗ ସମିତି ଓ ଝଗଡ଼େଶ୍ୱର ଟସର ତନ୍ତବାୟ ସହଯୋଗ ସମିତି ମାଧ୍ୟମରେ ୪୫୦ କାରିଗର ପରିବାର କାର୍ଯ୍ୟ କରୁଛନ୍ତି। ୩୦୦ରୁ ଊର୍ଦ୍ଧ୍ୱ ମେଶିନ ମହଜୁଦ ରହିଛି। ଏସବୁ ତନ୍ତ ଉପରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଗାଁର ୪ହଜାରରୁ ଅଧିକ ଲୋକଙ୍କ ଜୀବନଜୀବିକା ନିର୍ଭର କରେ। ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ବୁଣାକାରମାନଙ୍କୁ ଉକ୍ତ ୨ସମିତି ଓ ୫ଜଣ ମହାଜନଙ୍କ ଜରିଆରେ ରିହାତି ଦରରେ ଟସର ଯୋଗାଇବା ସହ ଆଧୁନିକ ଜ୍ଞାନକୌଶଳରେ ଟସର କାମ ପାଇଁ ବିଭିନ୍ନ ପ୍ରକାର ସହାୟତା କରିଥାନ୍ତି। ଓଡ଼ିଶାର ବୟନିକା, ସେରିଫେଡ୍, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଆଦି ବ୍ୟବସାୟ ପ୍ରତିଷ୍ଠାନ ଏଠାରୁ ଉତ୍ପନ୍ନ ଟସର ସାମଗ୍ରୀକୁ ନେଇ କୋଟି କୋଟି ଟଙ୍କାର ବେପାର କରିଥାନ୍ତି। କୋଲକାତା, ବିଷ୍ଣୁପୁର, ରଘୁନାଥପୁର, ହାଇଦ୍ରାବାଦ, ସୁରଟ, ବନାରସ, ଚେନ୍ନାଇ, ମୁମ୍ବାଇ, ନୂଆଦିଲ୍ଲୀ, ଲକ୍ଷ୍ନୌ ଆଦି ସ୍ଥାନକୁ ମଧ ସ୍ଥାନୀୟ ବେପାରୀଙ୍କ ଜରିଆରେ ଏଠାରୁ ଉତ୍ପାଦିତ ଟସର ସାମଗ୍ରୀ ପଠାଯାଏ। ମହାମାରୀ କରୋନା ପାଇଁ ଗତ ମାର୍ଚ୍ଚ ଶେଷ ସପ୍ତାହରୁ ଟସର ଲୁଗା ଅନ୍ୟତ୍ର ଯାଇପାରୁନାହିଁ। ପୂର୍ବରୁ ବୁଣାକାରମାନଙ୍କୁ ଟସର ସମେତ ଅନ୍ୟ କଞ୍ଚାମାଲ ଦିଆସରିଥିବାରୁ ସେମାନେ ବୁଣାବୁଣି କାମ ଜାରି ରଖିଛନ୍ତି। କିନ୍ତୁ ମାଲ ବିକ୍ରି ହେଉ ନ ଥିବାରୁ ସମିତି ଓ ମହାଜନମାନେ ବୁଣାକାରମାନଙ୍କୁ ନିୟମିତ ଅର୍ଥ ମଧ ଦେଇପାରୁ ନାହାନ୍ତି। ଏହାକୁ ନେଇ ବୁଣାକାର, ସମିତି ଓ ମହାଜନ ସମସ୍ତେ ଆର୍ଥିକ ଦୁଃସ୍ଥିତି ମଧରେ ରହିଛନ୍ତି। ଗୋଦାମରେ କୋଟି କୋଟି ଟଙ୍କାର ଟସର ବସ୍ତ୍ର ବା ଲୁଗା ପଡ଼ି ରହିଛି। ଏହି କ୍ଷତି ପାଇଁ ବୁଣାକାର, ମହାଜନ ଓ ସମିତିମାନଙ୍କୁ ସରକାର ସହାୟତା ଯୋଗାଇ ଦିଅନ୍ତୁ ବୋଲି ସମିତିର ସମ୍ପାଦକ ତାପସ ଚାନ୍ଦ, ବରିଷ୍ଠ ବୁଣାକାର ସତ୍ୟନାରାୟଣ ଦାସ, ଚନ୍ଦନ ସାହୁ, ଗୋପାଳ ଦାସ, ଶଶାଙ୍କ ଦାସ ପ୍ରମୁଖ ଦାବି କରିଛନ୍ତି।

ବୁଣାକାର ସୁଶାନ୍ତ କୁମାର ପାଳଦି କହନ୍ତି, ବଂଶାନୁକ୍ରମରେ ଜେଜେବାପା, ବାପା ଏହି କାର୍ଯ୍ୟ କରିଆସୁଥିଲେ। ପରେ ଆମ୍ଭେ ଦୁଇଭାଇ ଏହି କାମ କରି ପରିବାର ଭରଣପୋଷଣ କରୁଛୁ। ଘରେ ୨ଟି ତନ୍ତ ରହିଛି। ପରିବାରର ସମସ୍ତେ ଟସର ସୂତା ବାହାର କରିବା କାର୍ଯ୍ୟ କରିଥାନ୍ତି। ମାସିକ ୧୫ରୁ ୧୬ହଜାର ଟଙ୍କା ଆୟ ହୋଇଥାଏ। ପୂର୍ବରୁ ପରିବାର ଭରଣପୋଷଣ ଠିକ୍‌ଠାକ୍ ଚାଲିଥିଲା। ମହାମାରୀ କରୋନା ସଂକ୍ରମଣ ପାଇଁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍‌ରେ ଉତ୍ପାଦନ କରାଯାଇଥିବା ସାମଗ୍ରୀ ବିକ୍ରି ହୋଇପାରୁନାହିଁ। ଗତ ୪ମାସ ହେବ ୪୦ରୁ ୫୦ହଜାର ଟଙ୍କା ଭିତରେ ସାମଗ୍ରୀ ପଡ଼ି ରହିଛି। ଫଳରେ ଆର୍ଥିକ ଅନାଟନ ମଧରେ ସମୟ କଟୁଥିବା ପ୍ରକାଶ କରିଛନ୍ତି।

# ରାସ୍ତାରେ ଶୋଇଲେ ନିର୍ଯାତିତା

ତିହିଡ଼ି,୧୨।୮(ସ୍ୱ.ପ୍ର.)


ମା' ବାପାଙ୍କ ସହ ରାସ୍ତା ଉପରେ ଶୋଇ ନିର୍ଯାତିତା ପ୍ରତିବାଦ କରୁଛନ୍ତି।

ଶାଶୁ ଘର ଲୋକଙ୍କ ନିର୍ଯାନତାରେ ଅତିଷ୍ଠ ହୋଇ ଜଣେ ମହିଳା ତାଙ୍କ ମା'ବାପାଙ୍କ ସହ ରାସ୍ତାରେ ଶୋଇ ପ୍ରତିବାଦ ଜଣାଇବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

ପ୍ରକାଶ ଯେ, ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କମାରିଆ ଗ୍ରାମର ନିରାକାର ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଝିଅ ସୁଜାତା ସେହି ଗ୍ରାମର ଶଚିନ ଗିରିଙ୍କ ପୁଅ ରଞ୍ଜିତଙ୍କୁ ୭ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ନଗଦ ଟଙ୍କା ଓ ଅନ୍ୟାନ୍ୟ ଆସବାବପତ୍ର ଆଦି ଯୌତୁକ ବାବଦକୁ ଦିଆଯାଇଥିଲା। ତେବେ ପ୍ରଥମ ୨ବର୍ଷ ସବୁକିଛି ଭଲରେ ଯିବା ପରେ ଶ୍ୱଶୁର ଘର ତରଫରୁ ବୋହୂ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ଶାଶୁ ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ୨ ମାସ ତଳେ ସୁଜାତାଙ୍କୁ ବାହାର କରିଦେବାରୁ ସେ ବାପ ଘରେ ରହୁଥିଲେ। ମଙ୍ଗଳବାର ସୁଜାତା ନିଜ ଶ୍ୱଶୁର ଘରକୁ ଯାଇଥିବା ବେଳେ ତାଙ୍କୁ ନିସ୍ତୁକ ମାଡ଼ ମରାଯାଇଥିଲା। ଏ ନେଇ ସୁଜାତାଙ୍କ ବାପା ଓ ମାଆ ବୁଧବାର ସକାଳେ ପଚାରିବାକୁ ଯାଇଥିଲେ। ଝିଅ ଶ୍ୱଶୁର ଘର ଲୋକେ ତାଙ୍କୁ ବୋତଲ ଫିଙ୍ଗି ଆକ୍ରମଣ କରିଥିଲେ ବୋଲି ନିରାକାର ଅଭିଯୋଗ କରିଥିଲେ। ପରେ ସୁଜାତା,

**ଭଦ୍ରକ-ଚାନ୍ଦବାଲି ରାସ୍ତା ଘଣ୍ଟାଏ ଅବରୋଧ**

ତାଙ୍କ ବାପା ଓ ମା' କମାରିଆ ବଜାର ନିକଟରେ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଶୋଇ ପ୍ରତିବାଦ କରିଥିଲେ। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ତିହିଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲା। ସୁଜାତାଙ୍କ ଶାଶୁ ଓ ସ୍ୱାମୀଙ୍କୁ ଥାନାକୁ ଆଣି ପଚରା ଉଚରା କରାଯାଉଥିବା ପୋଲିସ କହିଛି।

# ଅନ୍‌ଲାଇନ୍‌ରେ କୃଷ୍ଣ ବେଶ ପ୍ରତିଯୋଗିତା

କେନ୍ଦୁଝର, ୧୨।୮ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝରଗଡଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁବାଟିକା ବିଭାଗର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏଥିରେ ଅନ୍‌ଲାଇନ ମାଧ୍ୟମରେ ୫୫ଜଣରୁ ଅଧିକ ଶିଶୁ କୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଓ ଶିଶୁବାଟିକା ବିଭାଗର ୫ଜଣ ଗୁରୁମା ଗୁରୁଜୀ ବିଦ୍ୟାଳୟରେ ଶ୍ରୀକୃଷ୍ଣଙ୍କୁ ପୂଜା କରିଥିଲେ। ସମସ୍ତ ଶିଶୁମାନେ ଘରେ ରହି ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସେହିପରି କେନ୍ଦୁଝର ସହରର ଅନ୍ୟାନ୍ୟ ଶିଶୁ ମନ୍ଦିର, ଡେଲି ମାର୍କେଟ ସ୍ଥିତ ରାସ ମନ୍ଦିର, ଜଗନ୍ନାଥପୁର ସ୍ଥିତ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିରରେ କରୋନା କଟକଣା ପାଇଁ ନିରାଡମ୍ବର ଭାବରେ ଜନ୍ମାଷ୍ଟମୀ ପାଳିତ ହୋଇଛି।

# ଆଣ୍ଟିଜେନ୍ ଟେଷ୍ଟ ରିପୋର୍ଟ ତୁରନ୍ତ ପ୍ରଦାନ ଦାବି

ରାମଗିରି,୧୨।୮(ଡି.ଏନ.ଏ.)

ଗଜପତି ଜିଲା ପ୍ରଶାସନ ଡ଼ାକବାଜି ଯନ୍ତ୍ରଯୋଗେ ରାମଗିରିର ସମସ୍ତ ବ୍ୟବସାୟୀଙ୍କୁ କରୋନା ଟେଷ୍ଟ ପାଇଁ କୁହାଯାଇଥିଲା। ଗତ ୧୧ ତାରିଖରେ ଏଠାରେ ଏକ କ୍ୟାମ୍ପ କରାଯାଇ ମୋଟ ୯୪ ଜଣ ବ୍ୟବସାୟୀଙ୍କ ଆଣ୍ଟିଜେନ୍ କିଟ୍‌ରେ ଟେଷ୍ଟ କରିବା ପରେ ୮ ଜଣଙ୍କର ପଜିଟିଭ ବାହାରିଥିଲା। ରାମଗିରିରେ ପରୀକ୍ଷା ପରେ ଆର୍.ଉଦୟଗିରି ଯାଇ ସରପଞ୍ଚଙ୍କ ମୋବାଇଲକୁ ମେସେଜ କରିଥିଲା ସ୍ୱାସ୍ଥ୍ୟଟିମ୍। ଯେଉଁମାନଙ୍କର ପଜିଟିଭ ବାହାରିଛି ତାଙ୍କୁ ସଙ୍ଗେ ସଙ୍ଗେ ଜଣାଇବା ବଦଳରେ ବିଳମ୍ବ କରିବାରୁ ସେମାନେ ବହୁ ଲୋକଙ୍କ ସହ ମିଳାମିଶା କରିସାରିଥିଲେ। ଏହାଦ୍ୱାରା ସଂକ୍ରମଣ ଅଧିକ ବ୍ୟାପିବାର ଆଶଙ୍କା ରହୁଛି। ଆଗାମୀ ଦିନରେ ଟେଷ୍ଟ ପରେ ସଙ୍ଗେ ସଙ୍ଗେ ଜଣାଇବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସରପଞ୍ଚ ଆଦିକନ୍ଧ କାର୍ଯୀଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଅନ୍ୟ ବ୍ଲକମାନଙ୍କରେ ଯେଉଁ ଆଧାରରେ ଚାଲିଛି ଆମର ମଧ ସେମିତି ହେଉଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ

ଝୁମ୍ପୁରା ୧୨।୮ (ଡି.ଏନ.ଏ.)-କେନ୍ଦୁଝର ଜିଲାର ଝୁମ୍ପୁରା ଥାନା ଅନ୍ତର୍ଗତ ଅର୍ଶଳା ଗ୍ରାମର ମହାନ୍ତସାହିରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ରଶ୍ମି ମହାନ୍ତ ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ଘରେ ଫ୍ୟାନ୍ ସୁଇଚ୍ ସଜାଡୁ ଥିବାବେଳେ ବିଦ୍ୟୁତ୍ ଆଘାତ ପାଇଥିଲେ।

# ବିଇଓ ଅଫିସରେ ତାଲା ପକାଇ ଧାରଣା

ବାରିପଦା ଅଫିସ,୧୨।୮

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ସାନ୍ତାଳୀ ଭାଷା ପ୍ରଶିକ୍ଷକମାନେ ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟରେ ବୁଧବାର ତାଲା ବନ୍ଦ କରି ଧାରଣା ଦେଇଥିଲେ। କନିଷ୍ଠ ଶିକ୍ଷକ ମାନ୍ୟତା ପ୍ରଦାନ ସହ ନିୟମିତ ଶିକ୍ଷକର ମାନ୍ୟତା ଦେଇ କାଗଜପତ୍ର ଯାଞ୍ଚ ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ ଜଣାଇଛନ୍ତି। ଡିପିଇପି ଏବଂ ଏସ୍‌ଏସ୍‌ଏ ପକ୍ଷରୁ ଆଦେଶନାମା ମୁତାବକ ନିଯୁକ୍ତି ପାଇଁ ୧୨ବର୍ଷରୁ ଊର୍ଦ୍ଧ୍ୱ ହେବ ସେମାନେ ବିଭିନ୍ନ ବିଦ୍ୟାଳୟରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ସିଟି ଏବଂ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମଧ ଅଦ୍ୟାବଧି ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ କରାଯାଉନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ତାଲାବନ୍ଦ କରି ଧାରଣା ଦିଆଯିବ ବୋଲି ସଂଘର ସଭାପତି ନୀଳମଣି ମୁର୍ମୁ ପ୍ରକାଶ କରିଛନ୍ତି। ଏନେଇ ବିଇଓ ମାଳତୀ ଟୁଡୁଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଶିକ୍ଷକମାନେ ଧାରଣାରତ ବସି ରହିଥିଲେ।

# ପୋଲତଳକୁ ଖସିଲା ଟ୍ରକ୍, ଜଣେ ମୃତ



କେନ୍ଦୁଝର,୧୨।୮(ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ଅରଡେଇ ନଦୀ ପୋଲରୁ ତଳକୁ ଏକ ଖଣି ବୋଝେଇ ଟ୍ରକ ଖସିପଡିବାରୁ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଦୁଇଜଣ ଗୁରୁତର ହୋଇଥିବା ଜଣାପଡିଛି । ବୁଧବାର ଅପରାହ୍ନ ୪ଟା ବେଳେ ପଳାଶପଙ୍ଗା ପଟୁ ୧୦ଚକିଆ ଟ୍ରକଟି ଖଣିବୋଝେଇ ହୋଇ ଏସ୍‌ଆର ପ୍ଲାଣ୍ଟ ଅଭିମୁଖେ ଯାଉଥିଲା । ଏହି ସମୟରେ କଣ୍ଡରାପଶି ନିକଟ ଅରଡେଇ ନଦୀ ପୋଲ ତଳକୁ କୌଣସି କାରଣରୁ ଭାରସାମ୍ୟ ହରାଇ ଖସିପଡିଥିଲା । ଫଳରେ ଟ୍ରକରେ ଚାପିହୋଇ ଥିବା ଡ୍ରାଇଭର ହେଲପରକୁ ସ୍ଥାନୀୟ ଲୋକ ମାନେ ବାହାର କରିଥିବା ବେଳେ ଆଉ ଜଣେ ଚାପି ହୋଇ ରହିଥିବାକୁ ବାହାର କରିପାରିନଥିଲେ। ତେବେ ଅଗ୍ନିଶ୍ରମ ବିଭାଗ ଚାପି ହୋଇ ରହିଥିବା ଲୋକଟିକୁ ଗ୍ୟାସ କଟର ସହାୟତାରେ କାଟି ବାହାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# କରୋନା କଟକଣା, ନିରାଡ଼ମ୍ବରେ ନନ୍ଦଉତ୍ସବ


ଗୋକୁଳଧାମରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପାଳ ସମାଜର କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ,୧୨।୮

ଗଞ୍ଜାମ ଜିଲା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣାକୁ ଦୃଷ୍ଟିରେ ରଖି ସମାଜ ପକ୍ଷରୁ ନିରାଡ଼ମ୍ବର ଭାବେ ବ୍ରହ୍ମପୁର ଗୋକୁଳଧାମରେ ଉତ୍ସବ ଆୟୋଜିତ ହୋଇଥିଲା। ଚଳିତ ବର୍ଷ କରୋନା କଟକଣାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଆୟୋଜିତ ହୋଇଆସୁଥିବା ସାଂସ୍କୃତିକ ଶୋଭାଯାତ୍ରା, ଦହି ହାଣ୍ଡି ଭଙ୍ଗା, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ନ ଥିବା କୁହାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ତାଲୁକାର ସଭାପତି ଧୋବା ଗୌଡ଼, ସମ୍ପାଦକ କବିରାଜ ଗୌଡ଼, ସମାଜର ଗଞ୍ଜାମ ଜିଲା ସଭାପତି ନନ୍ଦକିଶୋର ମହାଙ୍କୁଡ଼, ସାଧାରଣ ସମ୍ପାଦକ ନାରାୟଣ ମହାଙ୍କୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣା ପରେ ଦୁର୍ଦ୍ଦିନରେ ସନ୍ତୋଷଙ୍କ ପରିବାର

ଗଞ୍ଜାମ,
୧୨।୮(ଡି.ଏନ.ଏ.)


ସନ୍ତୋଷ ସେଠୀ ।

ଗଞ୍ଜାମ ଷ୍ଟେସନ ନିକଟରେ ଏକ କୁଡ଼ିଆରେ ରୁହନ୍ତି ସନ୍ତୋଷ ସେଠୀ ଓ ତାଙ୍କ ପରିବାର। ପରିବାର କହିଲେ ସ୍ତ୍ରୀ, ଦୁଇ ଝିଅ ଓ ଦଶ ବର୍ଷର ପୁଅ। ସନ୍ତୋଷ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଏକ ସଡକ ଦୁର୍ଘଟଣା ତାଙ୍କ ପରିବାର ପାଇଁ ଦୁର୍ଦ୍ଦିନ ଆଣି ଦେଇଛି। ବଡ ଭାଇଙ୍କ ଦଶାହ କାର୍ଯ୍ୟ ସାରି ସନ୍ତୋଷ ଫେରୁଥିବାବେଳେ ଗୋଳନ୍ଥରା ଇଶାଣେଶ୍ୱର ମନ୍ଦିର ନିକଟରେ ଅଟୋ ଓଲଟି ତାଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ତାଙ୍କୁ ପ୍ରଥମେ ବ୍ରହ୍ମପୁର ବଡ ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ କୋଭିଡ୍ କଟକଣା ଯୋଗୁ ଉଭୟ ମେଡିକାଲରେ ଠିକ୍ ଭାବେ ଚିକିତ୍ସା ହୋଇ ପାରି ନ ଥିଲା। ପରେ ଏକ ଘରୋଇ ହସ୍ପିଟାଲରେ ଅସ୍ତ୍ରୋପଚାର ପରେ ଏବେ ସେ ଶଯ୍ୟାଶାୟୀ। ସ୍ୱାମୀ କାମ ନ କରି ନ ପାରିବାରୁ ବାଧ ହୋଇ ସ୍ତ୍ରୀ ମୂଲ ଲାଗୁଛନ୍ତି।

ବିଜେଡିର ପୂର୍ବତନ ଏମ୍‌ପି ପ୍ରତିନିଧି ତଥା ସାମାଜିକ କର୍ମୀ ସୁଧୀର କୁମାର ପାଢ଼ୀ ଓ ଗଞ୍ଜାମ ଏନ୍‌ଏସି ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ରାକେଶ ରଞ୍ଜନ ଦାଶ (ସିଲୁ) ତାଙ୍କ ପରିବାରକୁ ଭେଟି ଚାଉଳ ସହ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି।

# ଗର୍ଭବତୀ ପରେ ଭିନ୍ନକ୍ଷମଙ୍କ ପାଇଁ ନୂଆ ପ୍ରୟାସ

ବ୍ରହ୍ମପୁର ଅଫିସ,୧୨।୮


କରୋନାରୁ ରକ୍ଷା ପାଇଁ ତହସିଲଦାର ସଚେତନ କରୁଛନ୍ତି ।

ଗଞ୍ଜାମ ଜିଲାରେ କରୋନା ସଂକ୍ରମଣ ଓ ମୃତ୍ୟୁ ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାର ମୁକାବିଲା ପାଇଁ ସରକାର ଓ ପ୍ରଶାସନ ଉଦ୍ୟମ ଜାରି ରଖିଛନ୍ତି। ଏହି ଧାରାରେ କୁକୁଡାଖଣ୍ଡି ବ୍ଲକରେ ଗର୍ଭବତୀଙ୍କୁ କରୋନାରୁ ରକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ ଏକ ନୂତନ ପଦକ୍ଷେପ ନେବା ପରେ ଏବେ ଭିନ୍ନକ୍ଷମଙ୍କ ପାଇଁ ଏକ ନୂଆ ପ୍ରୟାସ ଆରମ୍ଭ କରାଯାଇଛି। ୨୨ ପଞ୍ଚାୟତର ପାଖାପାଖି ୧୫୦ ରୁ ଅଧିକ ଭିନ୍ନକ୍ଷମଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇ ସେମାନଙ୍କ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଗର୍ଭବତୀ, ବୃଦ୍ଧ, ରୋଗାକ୍ରାନ୍ତ ବ୍ୟକ୍ତି ଓ ଶିଶୁଙ୍କ ଶରୀରରେ କରୋନା ଆକ୍ରାନ୍ତର ଅଧିକ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭିନ୍ନକ୍ଷମ ମାନଙ୍କୁ ବୁଧବାର ସଚେତନ କରାଯିବା ସହ ସେମାନଙ୍କୁ ଅଧିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲାର ପ୍ରଥମ ବ୍ଲକ ଭାବେ କୁକୁଡାଖଣ୍ଡି ନିମଖଣ୍ଡି ପଞ୍ଚାୟତ ଠାକୁର ବାବା ଆଶ୍ରମରେ ତହସିଲଦାର ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ତତ୍ତ୍ୱାବଧାନତାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହେଇଯାଇଛି। ଏଥିରେ ଶିଶୁ ରୋଗ ବିଶେଷଜ୍ଞ ସ୍ୱାତୀ ଦାସ ଏବଂ କୋଭିଡ୍ ପାଇଁ ନିଯୁକ୍ତ ଓଏଏସ୍ ଅଧିକାରୀ ଆକାଶ ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପିଲାମାନଙ୍କ ଯତ୍ନ ନେବା ସହ ମା'ମାନେ ମଧ ଏଦିଗରେ ସତର୍କତା ଅବଲମ୍ବନ କରିବାକୁ ଡାକ୍ତର ଦାସ ପରାମର୍ଶ ଦେଇଥିଲେ। ନିଜ ପିଲାଙ୍କର କୌଣସି ଅସୁବିଧା ହେଲେ ତୁରନ୍ତ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ମାଧମରେ ହେଉ ଅବା ସିଧାସଳଖ ଡାକ୍ତରଙ୍କ ସହ ଯୋଗାଯୋଗ କରିବାକୁ ସେ କହିଥିଲେ।

**କରୋନା ସମ୍ପର୍କରେ ସଚେତନ କଲା ପ୍ରଶାସନ**

ଅନ୍ୟପକ୍ଷରେ ଭିନ୍ନକ୍ଷମ ଶିଶୁ କରୋନା ଆକ୍ରାନ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅଭିଭାବକଙ୍କ ସମେତ ଶିଶୁମାନେ ସଚେତନତା କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ସାମିଲ କରିବା ପାଇଁ ପ୍ରଶାସନ ପକ୍ଷରୁ ଏକ କରୋନା କିଟ୍‌ର ବ୍ୟବସ୍ଥା କରାଯାଇ ଶିଶୁ ମାନଙ୍କୁ ପ୍ରଦାନ କରାଯାଇଥିଲା। ଯେଉଁଥିରେ ସାନିଟାଇଜର ଓ ମାସ୍କ ସମେତ ପିଲାଙ୍କୁ ଆକୃଷ୍ଟ କଲାଭଳି ଖାଦ୍ୟ ସାମଗ୍ରୀ ଦିଆଯାଇଥିଲା।

